# କେନ୍ଦୁଝର : ଆର୍ନ୍ତଜାତୀୟ ନିଶା ଦ୍ରବ୍ୟର ଅପବ୍ୟବହାର ଓ ଅବୈଧଚାଲାଣ ବିରୋଧି ଦିବସ ପାଳିତ



କେନ୍ଦୁଝର, ତା୨୬.୦୬. କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ଚଳିତ ଜୁନ ୨୬ ତାରିଖ ମଙ୍ଗଳବାର ଦିନ ଜିଲ୍ଲା ସଦର ମହକୁମାରେ ଜିଲ୍ଲା ଅବକାରୀ ବିଭାଗ ଆନୁକୂଲ୍ୟରେ ଆର୍ନ୍ତଜାତୀୟ ନିଶା ଦ୍ରବ୍ୟର ଅପବ୍ୟବହାର ଓ ଅବୈଧଚାଲାଣ ବିରୋଧି ଦିବସ ପାଳିତ ହୋଇଯାଇଛି । ଜିଲ୍ଲାପାଳ ଆଶିଷ ଠାକରେଙ୍କ ନିର୍ଦ୍ଦେଶକ୍ରମେ ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଡଃ ଭକ୍ତଚରଣ ପ୍ରଧାନ ପତାକା ହଲାଇ ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ବିଭିନ୍ନ ଅନୁଷ୍ଠାନର କର୍ମକର୍ତା ଏବଂ ସମାଜର ବିଭିନ୍ନ ବର୍ଗର ଜନସାଧାରଣ ଏହି ଶୋଭାଯାତ୍ରାରେ ସାମିଲ୍ ହେବା ସହ ବିଭିନ୍ନ ପ୍ରକାର ସ୍ଲୋଗାନ ଦେଇ ନିଶା ଦ୍ରବ୍ୟର ଅପବ୍ୟବହାର ଓ ଅବୈଧଚାଲାଣ ବିରୁଦ୍ଧରେ ଜନସଚେତନତା ସୃଷ୍ଟି କରିଥିଲେ । ଅବକାରୀ ଅଧିକ୍ଷକ ଶ୍ରୀକର ମାଝୀ, ଉପ ଅବକାରୀ ଅଧିକ୍ଷକ ପ୍ରଦୀପ ପାଣିଗ୍ରହୀ, ଅବକାରୀ ନିରୀକ୍ଷକ ସିଧେଶ୍ୱର ବେଶ୍ରା, ସନ୍ତୋଷ ପ୍ରଧାନ, ନିମାଇଁ ଚରଣ ସିଂହ ଓ କର୍ମଚାରୀ ଜାକିର ହୁସେନ୍ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ ।  ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ଠାକରେ ଏକ ବାର୍ତାରେ କହିଛନ୍ତି ଯେ ସାଂପ୍ରତିକ ସମୟରେ ମାଦକ ଦ୍ରବ୍ୟର ଅପବ୍ୟବହାର ଏବଂ ଅବୈଧ କାରବାରର ଅପକାରିତା ସଂପର୍କରେ ସମସ୍ତେ ସଚେତନ ହେବା ଏକାନ୍ତ ଆବଶ୍ୟକ । ଆଜିର ଯୁବ ପୀଢି ମଧ୍ୟରେ ମାଦକଦ୍ରବ୍ୟର ଅପବ୍ୟବହାର ବୃଦ୍ଧି ପାଉଛି । ଯାହା ଫଳରେ ତରୁଣ ଓ ଯୁବ ବର୍ଗ ପଥଭ୍ରଷ୍ଟ ହେଉଛନ୍ତି ଏବଂ ସେମାନଙ୍କର ଭବିଷ୍ୟତ ଅନ୍ଧାକାର ଭିତରକୁ ଠେଲି ହୋଇଯାଉଛି । ଯାହାକି ଏକ ସ୍ୱର୍ଶକାତର ପ୍ରସଙ୍ଗ । ଏଣୁ ଏହାକୁ ପ୍ରତିରୋଧ କରିବା ପାଇଁ ସମସ୍ତେ ଆଗେଇ ଆସିବା ନିହାତି ଦରକର । ମାଦକ ଦ୍ରବ୍ୟକୁ ବ୍ୟବହାର କରୁଥିବା ବ୍ୟକ୍ତି କେବଳ ନିଜେ ନଷ୍ଟ ହୁଏ ନାହିଁ ତାହା ସହିତ ପରିବାର ଓ ସମାଜ ମଧ୍ୟ ନଷ୍ଟ ହୋଇଯାଇଥାଏ । ଏଣୁ ମାଦକ ଦ୍ରବ୍ୟର ଅପବ୍ୟବହାରର ମାରାତ୍ମକ ପ୍ରଭାବ ବିଷୟରେ ନିଜେ ସଚେତନ ହେବା ସହିତ ଅନ୍ୟମାନଙ୍କୁ ସଚେତନ କରାଇବାକୁ ଜିଲ୍ଲାବାସୀଙ୍କୁ ନିବେଦନ କରିଛନ୍ତି । ଏତଦବ୍ୟତୀତ ମାଦକ ଦ୍ରବ୍ୟର ଚୋରାଚାଲାଣ ଓ ବିକ୍ରି ପାଇଁ କଠୋର ଦଣ୍ଡର ବ୍ୟବସ୍ଥା ରହିଥିଲେ ମଧ୍ୟ ସଚେତନତା ଅଭାବରୁ ଏହା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ । ଏଣୁ ଏପରି ବେନିୟମ କାର୍ଯ୍ୟରେ ସଂପୃକ୍ତ ଥିବା ବ୍ୟକ୍ତିମାନଙ୍କ ସଂପର୍କରେ ଜିଲ୍ଲା ପ୍ରଶାସନ, ଅବକାରୀ ବିଭାଗ ଏବଂ ପୋଲିସ୍ ପ୍ରଶାସନକୁ ସୂଚନାଦେବାକୁ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି ।

ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ, କେନ୍ଦୁଝର